# NATIONAL NEWS BULLETIN (ODIA)

## 6 February - 2025

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ଭାରତୀୟଙ୍କୁ ଦେଶାନ୍ତରୀକରଣ ପ୍ରସଙ୍ଗରେ ଆଲୋଚନା ଦାବି କରି ସଂସଦର ଉଭୟ ଗୃହରେ ହଟ୍ଟଗୋଳ ।

\- ଅପରାହ୍ଣ ୨ଟା ଯାଏଁ ଉଭୟ ଗୃହ ମୁଲତବୀ ।

- ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଆଜି ରାଜ୍ୟସଭାରେ ଉତ୍ତରଦେବେ ପ୍ରଧାନମନ୍ତ୍ରୀ ।

- ପରୀକ୍ଷା ପେ ଚର୍ଚ୍ଚାର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ସ୍ୱନାମଧନ୍ୟ ବ୍ୟକ୍ତିତ୍ୱ ।

- ପ୍ରୟାଗରାଜ ମହାକୁମ୍ଭରେ ଆଜି ଆୟୋଜିତ ହେଉଛି ଜନଜାତି ସାଂସ୍କୃତିକ ସମ୍ମିଳନୀ ।

ଏବଂ

- ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ଆଜିର ମ୍ୟାଚ୍‌ରେ ଭାରତ ବିପକ୍ଷରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି ଇଂଲଣ୍ଡ ।

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ ଭାବେ ରହୁଥିବା ଭାରତୀୟଙ୍କୁ ଦେଶାନ୍ତରୀକରଣ ପ୍ରସଙ୍ଗକୁ ବିରୋଧ କରି ସଂସଦର ଉଭୟ ଗୃହରେ ଆଲୋଚନା ଦାବି କରି ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଅପରାହ୍ଣ ୨ଟାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ରାଜ୍ୟସଭାରେ ଏନେଇ ବିବୃତ୍ତି ପ୍ରଦାନ କରିବେ । ଅନ୍ୟପକ୍ଷରେ ଆଜି ଲୋକସଭାରେ ଦିନ ୧୨ଟାରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବାମାତ୍ରେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟି ଏବଂ ଅନ୍ୟମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । ବିରୋଧୀଦଳ ଗୁଡ଼ିକ ସମ୍ମିଳିତ ହୋଇ ଆଲୋଚନା ଦାବି କରିଥିଲେ । ବାଚସ୍ପତି ଓମ୍ ବିର୍ଲା ବିରୋଧୀଦଳ ସଦସ୍ୟମାନଙ୍କୁ ନିଜନିଜ ଆସନକୁ ଫେରିଯିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଫଳରେ ବାଚସ୍ପତି ଲୋକସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଆଜି ସକାଳେ ଲୋକସଭାର ବୈଠକ ଆରମ୍ଭ ହେବା ମାତ୍ରେ କଂଗ୍ରେସ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରି କହିଥିଲେ ଏହି ପ୍ରସଙ୍ଗ ଏକ ବିଦେଶୀ ରାଷ୍ଟ୍ରର, ଏଣୁ ବିରୋଧୀ ଦଳର ସଦସ୍ୟମାନେ ଗୃହକୁ ଚଳାଇବା ଲାଗି ସହଯୋଗ କରିବା ଉଚିତ୍ । ବିରୋଧୀ ଦଳ ସଦସ୍ୟମାନେ ବାଚସ୍ପତିଙ୍କ କଥାକୁ ମାନିନଥିଲେ ଏବଂ ଗୃହରେ ସ୍ଲୋଗାନ ଓ ହୋହଲ୍ଲା

କରିବା ଜାରି ରଖିଥିଲେ । ବାଚସ୍ପତି ପରିସ୍ଥିତିକୁ ଅନୁଧ୍ୟାନ କରି ଲୋକସଭାକୁ ଦିନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଅପରପକ୍ଷେ ରାଜ୍ୟସଭାର ବୈଠକ ଆରମ୍ଭ ହେବା ମାତ୍ରେ ଦେଶାନ୍ତରୀକରଣ ପ୍ରସଙ୍ଗ ନେଇ ତଦନୁରୂପ ବିରୋଧୀ ଦଳର ସଦସ୍ୟମାନେ ପାଟିତୁଣ୍ଡ କରିବା ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ଲାଗି ଦାବି ଉପସ୍ଥାପନ କରିଥିଲେ । ଗୃହରେ ହୋହଲ୍ଲା ଜରି ରହିବାରୁ ଉପାଧ୍ୟକ୍ଷ ହରିବଂଶ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

## ପିଏମ୍-ରିପ୍ଲାଏ

ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ଉତ୍ତର ଦେବେ । ଶ୍ରୀ ମୋଦୀ ଆଜି ସଂଧ୍ୟାରେ ଗୃହରେ ଏହି ଉତ୍ତରଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ଦୁଇଦିନ ପୂର୍ବରୁ ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବର ପ୍ରଧାନମନ୍ତ୍ରୀ ଉତ୍ତର ଦେଇଥିଲେ ।

## ଆର୍‌ଏସ୍-ଷ୍ଟୁଡେଣ୍ଟ କନ୍‌ଫ୍ଲିଟ ଜୋନ୍

ବିଦେଶରରେ ରହି ପାଠ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ନିରାପତ୍ତାକୁ ସରକାର ଅଗ୍ରାଧିକାର ଦେଉଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି । ଆଜି ରାଜ୍ୟସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ବିବାଦ ଦେଖାଦେଉଥିବା ଦେଶଗୁଡ଼ିକରୁ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଦେଶକୁ ଫେରାଇ ଆଣିବା ଏବଂ ସେମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଦିଗରେ ସରକାର ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ମନ୍ତ୍ରୀ କହିଛନ୍ତି ସେହିସବୁ ଛାତ୍ରମାନଙ୍କ ପାଇଁ ସରକାର କୋହଳ ମନୋଭାବ ପୋଷଣ କରୁଛନ୍ତି । ସେ କହିଛନ୍ତି ୟୁକ୍ରେନ୍‌ରେ ମେଡ଼ିକାଲ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷା ସମାପ୍ତ ଲାଗି ଅନ୍ୟ ଦେଶକୁ ପଠାଇବା ଲାଗି ବ୍ୟବସ୍ଥା କରାଯାଇଛି ଏବଂ ଭାରତରେ ସେମାନେ ଯେଉଁଳି ପ୍ରାକ୍ଟିକାଲ ପରୀକ୍ଷା ଦେଇପାରିବେ ସେଥିଲାଗି ବ୍ୟବସ୍ଥା କରାଯାଇଛି । ଶ୍ରୀ ଜୟଶଙ୍କର କହିଛନ୍ତି ବିବାଦୀୟ ଅଞ୍ଚଳ ଗୁଡ଼ିକରୁ ଫେରୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରିବା ଲାଗି ସରକାର ଯୋଜନା କରିଛନ୍ତି । ଗତ ୧୦ବର୍ଷ ମଧ୍ୟରେ ଦେଶରେ ଅଧିକ ୭୫ହଜାର ମେଡ଼ିକାଲ ଆସନ ବୃଦ୍ଧି କରାଯାଇଥିବା ଶ୍ରୀ ଜୟଶଙ୍କର ଗୃହକୁ ଅବଗତ କରାଇଛନ୍ତି ।

## ପରୀକ୍ଷା ପେ ଚର୍ଚ୍ଚା-ନ୍ୟୁ ଫର୍ମାଟ

ପରୀକ୍ଷା ପେ ଚର୍ଚ୍ଚାର ଅଷ୍ଟମ ସଂସ୍କରଣ ନୂଆ ଫର୍ମାଟ୍‌ରେ କରାଯିବ । ଏଥିରେ ୮ଟି ଅଧ୍ୟାୟ ରହିବ । ଚଳିତମାସ ୧୦ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ସ୍ୱନାମଧନ୍ୟ ବ୍ୟକ୍ତିତ୍ୱମାନେ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ମନ୍ତ୍ରଣାଳୟ କହିଛି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୩୬ଜଣ ଲେଖାଏଁ ଛାତ୍ର ବିଭିନ୍ନ ବିଦ୍ୟାଳୟରୁ ଚୟନ ହୋଇଛନ୍ତି ଏବଂ ସେମାନେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବାର୍ତ୍ତାଳାପ କରିବେ ।

ଆହୁରି ମଧ୍ୟ କୁହାଯାଇଛି ଯେ ପ୍ରଥମ ଭାଗରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବେ । ଏହି କାର୍ଯ୍ୟକ୍ରମ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ୟୁ-ଟ୍ୟୁବ୍ ଚ୍ୟାନେଲ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲରେ ସିଧାସଳଖ ପ୍ରସାରଣ କରାଯିବ ।

ସୂଚନାଯୋଗ୍ୟ ପରୀକ୍ଷା ଚାପ ହ୍ରାସ କରିବା ଲାଗି ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥାନ୍ତି । ଏହାକୁ ଏକ ଉତ୍ସବ ଭାବେ ପାଳନ କରାଯାଏ । ଏକ ପ୍ରତିଯୋଗିତା ମାଧ୍ୟମରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଚୟନ କରାଯାଏ । ଚଳିତବର୍ଷ ୩କୋଟି ୫୦ଲକ୍ଷରୁ ଅଧିକ

ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ।

## ମହାକୁମ୍ଭ ଯୁବ ମହୋତ୍ସବ

ପ୍ରୟାଗରାଜ ମହାକୁମ୍ଭରେ ଜନଜାତି ସାଂସ୍କୃତିକ ସମାଗମ କାର୍ଯ୍ୟକ୍ରମ ଅଧୀନରେ ଜନଜାତୀୟ ଯୁବ କୁମ୍ଭ ଆଜି ପାଳିତ ହେଉଛି । ଏଥିରେ ୮ହଜାରରୁ ଅଧିକ ଆଦିବାସୀ ଯୁବକଯୁବତୀ ସାରା ଦେଶରୁ ଭାଗ ନେଇଛନ୍ତି । ଚଳିତବର୍ଷ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଜୟନ୍ତୀକୁ ଜନଜାତୀୟ ଗୌରବ ବର୍ଷ ଭାବେ ପାଳନ କରାଯାଉଛି । ଏହାର ଅଂଶସ୍ୱରୂପ ମହାକୁମ୍ଭରେ ୫ ଦିନିଆ ଜନଜାତି ସାଂସ୍କୃତିକ ସମାଗମ ଅନୁଷ୍ଠିତ ହେଉଛି । ଏହି ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ କହିଛନ୍ତି ଦେଶର ଯୁବପିଢ଼ୀ ସମାଜ ପରିବର୍ତ୍ତନ ଦିଗରେ ବୈପ୍ଲବିକ ପଦକ୍ଷେପ ଗ୍ରହଣ କରିଛନ୍ତି । ସାମାଜିକ ଏକତା ଏବଂ ଦେଶକୁ ଆତ୍ମନିର୍ଭରଶୀଳ କରିବା କ୍ଷେତ୍ରରେ ଯୁବପିଢ଼ୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଆଦିବାସୀ ଯୁବକଯୁବତୀମାନେ ଦେଶର ପାରମ୍ପରିକ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବାଲାଗି ଶପଥ ନେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆଦିବାସୀ ସଂପ୍ରଦାୟ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ

କରିଥିବା ବିଭିନ୍ନ ରାଜ୍ୟର ୨୫ଜଣ ଯୁବକଯୁବତୀଙ୍କୁ ଏହି ସମ୍ମିଳନୀରେ ପୁରସ୍କୃତ କରାଯିବ । ଅନ୍ୟପକ୍ଷରେ ଏଥିରେ ୧୨୦ଟି ସାଂସ୍କୃତିକ ନୃତ୍ୟଦଳ ସେମାନଙ୍କ କଳାକୌଶଳ ପ୍ରଦର୍ଶନ କରିବେ ବୋଲି ଜଣାପଡିଛି ।

## ଦିଲ୍ଲୀ ଇଲେକ୍ସନ-ଇଭିଏମ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେବା ପରେ ଇଲେକ୍ଟ୍ରୋନିକ ଭୋଟିଂ ମେସିନ୍ ଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ନିର୍ବାଚନ ଆୟୋଗ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ୨୪ଘଣ୍ଟିଆ କଡା ପ୍ରହରା ମଧ୍ୟରେ ଇଭିଏମ୍ ରଖାଯାଇଥିବା ଆୟୋଗ ସୂଚନା ଦେଇଛନ୍ତି । ଭୋଟ୍‌ଗଣତି ପାଇଁ ଦିଲ୍ଲୀର ୧୧ଟି ଜିଲ୍ଲାରେ ୧୯ଟି ଗଣନା କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଭୋଟ୍‌ଗଣନା ପରେ ୬୯୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଆସନ୍ତା ଶନିବାର ୮ ତାରିଖ ଦିନ ଭୋଟ୍‌ଗଣନା କରାଯିବ । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ୬୦ଦଶମିକ ୪/୨ ପ୍ରତିଶତ ଭୋଟ୍‌ଦାନ ହୋଇଛି । ଉତ୍ତର-ପୂର୍ବ ଦିଲ୍ଲୀ ଜିଲ୍ଲାରେ ସର୍ବାଧିକ ୬୬ଦଶମିକ ୨/୫ ପ୍ରତିଶତ ମତଦାନ ହୋଇଥିବାବେଳେ ଦକ୍ଷିଣ-ପୂର୍ବ ଦିଲ୍ଲୀରେ ସର୍ବନିମ୍ନ ୫୬ଦଶମିକ ୩/୧ ପ୍ରତିଶତ ମତଦାନ ହୋଇଛି ।

ସହଦରା ଜିଲ୍ଲାରେ ମତଦାନ ହାର ୬୩ ଦଶମିକ ୯/୪ ପ୍ରତିଶତ ରହିଛି । ସେହିପରି ଉତ୍ତରଦିଲ୍ଲୀରେ ଅଣଷଠି ଦଶମିକ ୫/୫ ଏବଂ ଉତ୍ତର-ପଶ୍ଚିମ ଦିଲ୍ଲୀରେ ୬୦ଦଶମିକ ୭ ପ୍ରତିଶତ ଭୋଟ୍ ପଡିଛି । ଚଳିତ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟିର ଅରବିନ୍ଦ କେଜରିଓ୍ବାଲ, ଆତିଶୀ ଓ ମନିଷ ସିସୋଦିଆ, ବିଜେପରି ପରବେଶ ବର୍ମା, ବିଜନ୍ଦର ଗୁପ୍ତା, ଅରବିନ୍ଦର ସିଂହ ଲଭ୍‌ଲୀ ଏବଂ ରମେଶ ବିଦୁରୀ ଓ କଂଗ୍ରେସର ଦେବେନ୍ଦ୍ର ଯାଦବ, ସନ୍ଦିପ ଦିକ୍ଷୀତ ଏବଂ ଅଲକା ଲାମ୍ବା ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ।

## ଟେବୁଲ ଟେନିସ୍-ସିଙ୍ଗାପୁର

ବିଶ୍ୱ ଟେବୁଲ ଟେନିସ୍ ସିଙ୍ଗାପୁର ସ୍ମାସ୍‌ର ପୁରୁଷ ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ମାନବ ଠାକର ଓ ମନୁଷ ଶାହା  ଆଜି କ୍ୱାର୍ଟର ଫାଇନାଲ ଖେଳିବେ। ଏହି ଯୋଡ଼ି ଫ୍ରାନ୍ସର ଫ୍ଲୋରିୟାନ୍ ବୌରାସଉଦ ଏବଂ ଇଷ୍ଟେବାନ୍ ଡୋର୍‌ଙ୍କ ଯୋଡ଼ିକୁ ଆଜି ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଭେଟିବେ। ଗତକାଲି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ହଂକଂର ଓ୍ୱାନ୍ ଚୁଙ୍ଗ୍ ଟିଙ୍ଗ୍ ଓ ୟି-କ୍ୱାନ୍ ଟୋ ଯୋଡ଼ିକୁ ୩-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

# କ୍ରିକେଟ-ଇଣ୍ଡିଆ-ଇଂଲଣ୍ଡ

ମହାରାଷ୍ଟ୍ରର ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଭାରତ-ଇଂଲଣ୍ଡ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜାରି ରହିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ଆମର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଇଂଲଣ୍ଡ ୪ ଓଭର ସୁଦ୍ଧା କୌଣସି ୱିକେଟ୍ ନ ହରାଇ ୧୭ ରନ୍ ସଂଗ୍ରହ କରିଛି ।

ରୋହିତ ଶର୍ମା ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଉଥିବାବେଳେ ଆଘାତ ଯୋଗୁଁ ବିରାଟ କୋହଲି ଆଜି ଖେଳୁନାହାନ୍ତି। ଇଂଲଣ୍ଡ ଦଳର ନେତୃତ୍ୱ ନେଉଛନ୍ତି ଯୋଶ୍ ବଟଲର୍। ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର ଦିନ କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୧୨ ତାରିଖ ଦିନ ଅହମ୍ମଦାବାଦଠାରେ ଖେଳାଯିବ। ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ରେ ଭାରତ ୪-୧ରେ ବିଜୟୀ ହୋଇଛି।